## ସଂକ୍ଷେପରେ

### ୭୩ତମ ଏନ୍‌ସିସି ଦିବସ




**ତାଳଚେର,୨।୧୨(ନି.ପ୍ର.):** ତାଳଚେରସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଜଗନ୍ନାଥ କ୍ଷେତ୍ର ପକ୍ଷରୁ ୭୩ତମ ଏନ୍‌ସିସି ଦିବସ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧକ୍ଷା ଶୁକ୍ଲା ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏନ୍‌ସିସି ପତାକା ଉତ୍ତୋଳନ କରିବା ସହିତ କିଭଳି ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ରହିବେ ଓ ସମାଜରେ ସେମାନଙ୍କ ଭୂମିକା ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ବିଦ୍ୟାଳୟର ଏନ୍‌ସିସି ଶିକ୍ଷକ ବୀରେନ୍ଦ୍ର କୁମାର ଦାସ ଏନ୍‌ସିସି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଚାରା ରୋପଣ ବ୍ୟବସ୍ଥା କରିଥିଲେ। ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଗ୍ନିବିପନ୍ନଙ୍କୁ ସହାୟତା



**ତାଳଚେର,୨।୧୨(ନି.ପ୍ର.):** ତାଳଚେର ବ୍ଲକ କଳମଛୁଇଁ ଗ୍ରାମସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ଜାମୁନାଳି ପଞ୍ଚାୟତ ନାଏକ ସାହିର ଅଗ୍ନିବିପନ୍ନ ନିରାଶ ନାଏକଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ପାଠାଗାର ସଦସ୍ୟମାନେ ଅଗ୍ନିବିପନ୍ନ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହିତ ଖାଦ୍ୟ ଓ ବସ୍ତ୍ର ସାମଗ୍ରୀ ପ୍ରଦାନ କରିଛନ୍ତି। ପାଠାଗାର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, କୋଷାଧ୍ୟକ୍ଷ ଦୟାନିଧି ସାହୁ, ପଞ୍ଚାନନ ବେହେରା, ଅଜିତ ପ୍ରଧାନ ଓ ରାଜେଶ ସାହୁ ପ୍ରମୁଖ ଏହି ରିଲିଫ କାର୍ଯ୍ୟରେ ସହାୟତା ପ୍ରଦାନ କରିଥିଲେ।

### ଅଗ୍ନିକାଣ୍ଡରେ ଜଳିଗଲା ଘର

**ଅନୁଗୋଳ ଅଫିସ, ୨।୧୨:** ଅନୁଗୋଳ ସଦର ଥାନା ଜାମୁନାଳି ଗ୍ରାମରେ ବୁଧବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ନିରାଶ ନାଏକଙ୍କ ଘର ପୋଡ଼ି ପାଉଁଶ ହୋଇଛି। ଖବରପାଇ ଅନୁଗୋଳ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ଘରଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳ ସୂଚନା ପ୍ରଦାନ କରିଛନ୍ତି। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଥିବାବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ନିରାଶଙ୍କ ଘରେ ଥିବା ଟଙ୍କା, ଚାଉଳ, କପଡ଼ା, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଆସବାବପତ୍ର ସବୁ ନଷ୍ଟ ହୋଇଯାଇଛି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି।

### କଟକଣା କଡ଼ାକଡ଼ି ପାଇଁ ଚିଠି

**ଅନୁଗୋଳ ଅଫିସ,୨।୧୨:** ଅନୁଗୋଳ ଜିଲାରୁ ଗୁରୁବାର କେହି କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ସେହିପରି ଜିଲାରୁ ଦିନକରେ ଜଣେ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପଡୋଶୀ ଢେଙ୍କାନାଳ ଜିଲାରେ ହଠାତ୍ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ଦେଖି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସମସ୍ତ ବିଭାଗ ସହ ପୋଲିସକୁ ଚିଠି ଲେଖାଯାଇଛି। ସାମାଜିକ ଦୂରତ୍ୱ ବଜାୟ ରଖିବା ଏବଂ ମାସ୍କ ପିନ୍ଧିବା ନିୟମ କେହି ଉଲ୍ଲଘଂନ କଲେ ପୂର୍ବଭଳି ଜରିମାନା ଆଦାୟ କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମଧ ଚିଠି (ନଂ.୨୭୯୧/୧।୧୨.୨୦୨୧) କରି କୋଭିଡ୍ କଟକଣା କଡ଼ାକଡ଼ି କରିବାକୁ ପୋଲିସ ଓ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

### ପରିବହନ ବିଭାଗ ପକ୍ଷରୁ ଚଢ଼ାଉ

**ଛେଣ୍ଡିପଦା,୨।୧୨(ସ୍ୱ.ପ୍ର):** ଛେଣ୍ଡିପଦା ଥାନା ବାଗଡିଆ ଛକ ନିକଟରେ ଅନୁଗୋଳ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏକ ଟ୍ରାକ୍ଟର ମାଲିକଙ୍କୁ ୮୯ ହଜାର ୨୦୦ ଟଙ୍କା ଜରିମାନା କରାଯାଇଛି। ଘଟଣାରୁ ଜଣାପଡ଼ିଛି, ନାକିଚିଦେଉଳ ଥାନ ବୁଢାକଟା ଗ୍ରାମର ଅଭିନନ୍ଦନ ଶତପଥୀ ବାଗଡିଆ ଦେଇ ଫେରୁଥିବାବେଳେ ବାଗଡିଆ ଛକରେ ଏମ୍‌ଭିଆଇ ସୁମନ୍ତ ସେଠୀ ଯାଞ୍ଚ କରିଥିଲେ। ଗାଡ଼ି ରେଜିଷ୍ଟ୍ରେଶନ, ବୀମା, ଟ୍ୟାକ୍ସ, ଲାଇସେନ୍ସ ନ ଥିବାରୁ ୮୯ ହଜାର ୨୦୦ ଟଙ୍କାର ଚାଲାଣ କଟାଯାଇଥିଲା। ପରେ ଟ୍ରାକ୍ଟରକୁ ଛେଣ୍ଡିପଦା ପୋଲିସ ଜିମା ଦିଆଯାଇଛି।

### ରତ୍ନମୁଦ ଉତ୍ସବ

**ମାଧପୁର,୨।୧୨:** ଆଠମଲ୍ଲିକ ବ୍ଲକ କମ୍ପଲା ପଞ୍ଚାୟତ ତେବେରାପାଲି ଗ୍ରାମରେ ବୁଧବାର ଶ୍ରୀଗୁଣ୍ଡିଚା ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ଅଶୋକ ପଣ୍ଡା ଏବଂ ରାଜକିଶୋର ଶତପଥୀ ପୂଜାକାର୍ଯ୍ୟ କରିଥିଲେ। ଗ୍ରାମ ସଭାପତି ରାଧେଶ୍ୟାମ ମିଶ୍ର ଏବଂ ସୁବାସିନୀ ମିଶ୍ର କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ସ୍ମାର୍ଟ ହୋଇପାରୁନି ଶିକ୍ଷାଦାନ

- ରାମଦେଓ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ
- ୧୪ ଶିକ୍ଷକଙ୍କ ସ୍ଥାନରେ ଅଛନ୍ତି ୯ ଜଣ
- ଗୁଣାତ୍ମକ ଶିକ୍ଷା ନେଇ ଆଶଙ୍କାରେ ଅଭିଭାବକ

**ବଇଣ୍ଡା,୨।୧୨(ଡି.ଏନ.ଏ.)**




ସ୍ମାର୍ଟ ଘୋଷିତ ବଇଣ୍ଡାସ୍ଥିତ ରାମଦେଓ ଉଚ୍ଚ ବିଦ୍ୟାଳୟ।

ସରକାରୀ ସ୍କୁଲଗୁଡ଼ିକର ରୂପାନ୍ତରଣ ଚାଲିଛି। ଭିତ୍ତିଭୂମି, ଶିକ୍ଷାଦାନକୁ ସ୍ମାର୍ଟ କରାଯିବାର ବ୍ୟବସ୍ଥା ହେଉଛି। ଇତିମଧ୍ୟରେ ଅନୁଗୋଳ ଜିଲାର ୯୦ଟି ବିଦ୍ୟାଳୟକୁ ସ୍ମାର୍ଟ ବୋଲି ଘୋଷଣା କରାଯାଇସାରିଛି। ହେଲେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିଲେ ସ୍ମାର୍ଟ ସ୍କୁଲଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ କେମିତି ସମ୍ଭବ ତାହାକୁ ନେଇ ଅଭିଭାବକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ରାମଦେଓ ଉଚ୍ଚ ବିଦ୍ୟାଳୟ ଏହାର ଏକ ଉଦାହରଣ। ସ୍ମାର୍ଟ ଘୋଷିତ ଏହି ଶିକ୍ଷାନୁଷ୍ଠାନରେ ଦୀର୍ଘଦିନ ହେବ ୫ ଜଣ ଶିକ୍ଷକ ନାହାନ୍ତି। ପ୍ରଧାନ ଶିକ୍ଷକ ପଦବୀ ମଧ୍ୟ ଖାଲି ପଡ଼ିଛି। ଫଳରେ ସ୍ମାର୍ଟ ଶିକ୍ଷାଦାନ ଏଠାରେ ହୋଇପାରୁ ନ ଥିବା ଅଭିଭାବକମାନେ ଅଭିଯୋଗ କରୁଛନ୍ତି। ଶୀଘ୍ର ଶିକ୍ଷକ ନିଯୁକ୍ତି ଦେବାକୁ ବଇଣ୍ଡା ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ମଙ୍ଗଳବାର ଗଣଶିକ୍ଷା ମନ୍ତ୍ରୀ, ସଚିବ, ଆଠମଲ୍ଲିକ ବିଧାୟକ, ଅନୁଗୋଳ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗପତ୍ର ମାଧ୍ୟମରେ ଦାବି କରାଯାଇଛି।

ଗ୍ରାମବାସୀ ଦର୍ଶାଇଛନ୍ତି, ୧୯୬୨ ମସିହାରେ ଗ୍ରାମବାସୀ ଏହି ବିଦ୍ୟାଳୟ ସ୍ଥାପନ କରିଥିଲେ। ଏଠାରେ ୬ଷ୍ଠ ରୁ ଦଶମ ଶ୍ରେଣୀ ମଧ୍ୟରେ ୨୭୯ ପିଲା ପାଠ ପଢୁଛନ୍ତି। ମୋଟ ୧୪ ଜଣ ଶିକ୍ଷକ ରହିବାର ବ୍ୟବସ୍ଥା ଥିବାବେଳେ ଦୀର୍ଘଦିନ ହେବ ପ୍ରଧାନ ଶିକ୍ଷକ ପଦବୀ ସହ କଳାରେ ୨, ବିଜ୍ଞାନରେ ୧, ଖେଳ ବିଭାଗରେ ୧ ଶିକ୍ଷକ ପଦବୀ ଖାଲି ପଡ଼ିଛି। ୨ଟି ପିଅନ ପଦବୀରେ ମଧ୍ୟ କେହି ନାହାନ୍ତି। ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାରୁ ୨୦ ମେ ୨୦୨୦ ଓ ୧୫ ଫେବୃୟାରୀ ୨୦୨୧ରେ ଗ୍ରାମବାସୀ ଶିକ୍ଷକ ନିଯୁକ୍ତି ପାଇଁ ଜିଲାପାଳଙ୍କ ଠାରୁ ଆରମ୍ଭ କରି ଗଣଶିକ୍ଷା ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଇତିମଧ୍ୟରେ ଉକ୍ତ ସ୍କୁଲର ଭିତ୍ତିଭୂମିରେ ଉନ୍ନତି କରାଯାଇ ସ୍ମାର୍ଟ ବୋଲି ଘୋଷଣା କରାଯାଇଛି। ହେଲେ ଶିକ୍ଷକ ନିଯୁକ୍ତି ନେଇ ପଦକ୍ଷେପ ନିଆଯାଇ ନାହିଁ। ସେହିପରି ବିଦ୍ୟାଳୟରେ ଏକ ଛାତ୍ରାବାସ ପାଇଁ ବହୁବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସ୍ମାର୍ଟ ସ୍କୁଲ କାର୍ଯ୍ୟକ୍ରମର ସୁଫଳ ପିଲାଙ୍କ ନିକଟରେ ପହଞ୍ଚାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚାତମ୍ବା କହିଛନ୍ତି, ଶିକ୍ଷକ ଅଭାବ ଯୋଗୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି।

### ଠିକ୍ ଭାବେ ହେଉନି ପାଠପଢ଼ା



"ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ପିଲାଙ୍କ ପାଠପଢ଼ା ଠିକ୍ ଭାବେ ହୋଇପାରୁ ନାହିଁ। ଦୀର୍ଘଦିନ ପରେ ସ୍କୁଲ ଖୋଲିଥିବାରୁ ଶ୍ରେଣୀ ଶିକ୍ଷାଦାନ ଉପରେ ଜୋର୍ ଦିଆଯିବା କଥା। ହେଲେ ଶିକ୍ଷକ ଅଭାବ ସମସ୍ୟା ଏଥିରେ ବାଧକ ସାଜିଛି।

**-ସନ୍ତୋଷ କୁମାର ସାହୁ, ଅଭିଭାବକ**

### କୌଣସି ପଦକ୍ଷେପ ନିଆଯାଉନି



"ରାମଦେଓ ଉଚ୍ଚ ବିଦ୍ୟାଳୟରେ ବହୁ ସମସ୍ୟା ଲାଗିରହିଛି। ସରକାର ଏହାକୁ ସ୍ମାର୍ଟ ସ୍କୁଲ ବୋଲି ଘୋଷଣା କରିଥିଲେ ବି ଶିକ୍ଷକ ନିଯୁକ୍ତି ଦେଉନାହାନ୍ତି। ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କେହି ଶୁଣୁନାହାନ୍ତି।

**-ଭଗବାନ ଘିଓ୍ୱାଲା, ଗ୍ରାମବାସୀ**

### ଧ୍ୟାନ ଦେଉନାହାନ୍ତି କର୍ତ୍ତୃପକ୍ଷ



"ଏହି ପୁରାତନ ସ୍କୁଲରେ ଦେଖାଦେଇଥିବା ଶିକ୍ଷକ ଅଭାବ ସମସ୍ୟାର ସମାଧାନ କରାଯାଉ ନାହିଁ। ବହୁଥର ଜିଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଯାଇଛି। କିନ୍ତୁ ନୂଆ ନିଯୁକ୍ତି ଦିଗରେ ଧ୍ୟାନ ଦିଆଯାଉ ନାହିଁ।

**-ଅରବିନ୍ଦ ସାହୁ, ଅଭିଭାବକ**

## ପ୍ରଦୂଷଣ ନିରାକରଣ ସଚେତନତା କାର୍ଯ୍ୟକ୍ରମ

**ଅନୁଗୋଳ ଅଫିସ,୨।୧୨**

ଅନୁଗୋଳ ଜିଲା କୁରୁଡୋଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ଜାତୀୟ ପ୍ରଦୂଷଣ ନିରାକରଣ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷୟିତ୍ରୀ ଅନସୂୟା ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୋଳ ଶାଖାର ସହକାରୀ ଯନ୍ତ୍ରୀ ସୌମେନ୍ଦ୍ର ମହାନ୍ତି ଏବଂ ସମିତି ସମ୍ପାଦକ ପ୍ରସନ୍ନ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକୃତିକ ସମ୍ପଦର ସଦ୍‌ବିନିଯୋଗ ଏବଂ ଅସରନ୍ତି ଶକ୍ତିର ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଛାତ୍ରୀଛାତ୍ରମାନେ ପରିବେଶଧର୍ମୀ ହେବାକୁ ଶପଥ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସୁବ୍ରତ କୁମାର ପ୍ରଧାନ ଏହାକୁ ପରିଚାଳନା କରିଥିବା ବେଳେ ପ୍ରିୟବ୍ରତ ବେହେରା ଓ ଯଶୋବନ୍ତ ସାହୁ ଆୟୋଜନ କରିଥିଲେ। ଶିକ୍ଷକ ଅଶୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଏଣିକି ଅନ୍‌ଲାଇନରେ ସ୍ଲଟ୍ ବୁକିଂ

**ଅନୁଗୋଳ ଅଫିସ,୨।୧୨**

ବିଭିନ୍ନ କାର୍ଯ୍ୟ ନେଇ ପରିବହନ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କୁ ଆଉ ଲାଇନ୍‌ରେ ଛିଡ଼ା ହେବାକୁ ପଡ଼ିବ ନାହିଁ। ଲୋକମାନେ ଘରେ ବସି ସ୍ଲଟ୍ ବୁକିଂ କରିପାରିବେ। ଏପରିକି ନିଜ ସୁବିଧା ଅନୁଯାୟୀ ତାରିଖ ଓ ସମୟ ମଧ୍ୟ ନେଇପାରିବେ ବୋଲି ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ୫-ଟି ପଲିସି ଅନୁଯାୟୀ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଯାନବାହନଗୁଡ଼ିକର ଫିଟ୍‌ନେସ୍ ଓ ଟ୍ରାନ୍ସଫର ଅଫ୍ ଓନରଶିପ୍ ପାଇଁ ସ୍ଲଟ୍ ବୁକିଂ କରି ଆସିବାକୁ କୁହାଯାଇଛି। ଏହି କାର୍ଯ୍ୟକ୍ରମ ଗୁରୁବାର ଠାରୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ ହୋଇଥିବାବେଳେ ଶୁକ୍ରବାର ଠାରୁ ସମ୍ପୂର୍ଣ୍ଣଭାବେ କାର୍ଯ୍ୟକାରୀ ହେବ ବୋଲି ପରିବହନ ଅଧିକାରୀ ବିଭବ ସାମନ୍ତ ସିଂହାର ସୂଚନା ଦେଇଛନ୍ତି। ଏହାଦ୍ୱାରା ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇ ଦିଆଯିବା ସହ କୋଭିଡ୍ ସମୟରେ ଲୋକଙ୍କ ଭିଡ଼ ମଧ୍ୟ କମ୍ ହେବ ବୋଲି ପରିବହନ ଅଧିକାରୀ କହିଛନ୍ତି।

## ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ପାଇଁ ଦାବିପତ୍ର

**ତାଳଚେର,୨।୧୨(ନି.ପ୍ର.)**

ତାଳଚେର ବ୍ଲକ ଘଣ୍ଟପଡା ପଞ୍ଚାୟତରେ ଏମ୍‌ସିଏଲ୍‌ର ସିଏସ୍‌ଆର୍ ଯୋଜନାରେ ପୁନର୍ବାର ସ୍ୱାସ୍ଥ୍ୟ ଶିବିର ଆରମ୍ଭ ପାଇଁ ଗୁରୁବାର ଜଗନ୍ନାଥ କୋଇଲା ଖଣି ମହାପ୍ରବନ୍ଧକ ପି.ବି.ରେଡ୍ଡୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ସମିତିସଭ୍ୟା ସବିତା ଧରଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଉଲ୍ଲେଖ କରାଯାଇଛି, ପୂର୍ବରୁ ଏମ୍‌ସିଏଲ୍ ପକ୍ଷରୁ ସିଏସ୍‌ଆର୍ ଯୋଜନାରେ ପଞ୍ଚାୟତରେ ପ୍ରତି ସପ୍ତାହରେ ସ୍ୱାସ୍ଥ୍ୟ ଶିବିର ଚାଲୁ ରହିଥିଲା। କିନ୍ତୁ ବର୍ଷେ ହେଲା ଏହାକୁ ବନ୍ଦ କରି ଦିଆଯାଇଛି। ଏପରି କି ଚକ୍ଷୁ ଅସ୍ତ୍ରୋପଚାର ଶିବିରକୁ ମଧ୍ୟ ବନ୍ଦ ରଖାଯାଇଛି। କୋଇଲା ଖଣି ପାଇଁ ତାଳଚେରବାସୀ ପ୍ରଦୂଷଣ ମଧ୍ୟରେ ବଞ୍ଚୁଥିବାବେଳେ ଏମ୍‌ସିଏଲ୍ ସିଏସ୍‌ଆର୍ ଅର୍ଥ ରାଜ୍ୟ ଓ ଜିଲାରେ ଖର୍ଚ୍ଚ ହେଉଛି। ଫଳରେ ତାଳଚେରବାସୀ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଏହି ସ୍ୱାସ୍ଥ୍ୟସେବା ଶିବିର ପୁନର୍ବାର ଆରମ୍ଭ କରାଯିବାକୁ ରାଜ କିଶୋର ସାହୁ, ବୀରବର ସାହୁ, ପ୍ରିୟତମା ପଟ୍ଟନାୟକ, ପ୍ରହ୍ଲାଦ ପ୍ରଧାନ, ଜତିନ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।



ଖଣି ମହାପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଆଦିବାସୀ ମାନ୍ୟତା ଦାବି

**ଆଠମଲ୍ଲିକ,୨।୧୨(ଡି.ଏନ.ଏ.)**




ଦାବିପତ୍ର ପ୍ରଦାନ ପାଇଁ ମହିଳା ପୁରୁଷମାନେ ଶୋଭାଯାତ୍ରାରେ ଆସୁଛନ୍ତି।

ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀର ଲୋହରା, ଲୁହୁରା ଓ କମାର ସମାଜ ଅଧିବାସୀମାନଙ୍କୁ ଆଦିବାସୀବର୍ଗ ମାନ୍ୟତା ପ୍ରଦାନ ପାଇଁ ବୁଧବାର ଶତାଧିକ ମହିଳାପୁରୁଷ ଶୋଭାଯାତ୍ରାରେ ଆସି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଅଶୋକ କୁମାର ଦେହୁରୀ ଦାବିପତ୍ର ଗ୍ରହଣ କରିଥିଲେ। ଏଥିରେ ଦର୍ଶାଯାଇଛି, ଏହି ସମ୍ପ୍ରଦାୟ ସାଧାରଣତଃ ଭୂମିହୀନ ଓ ବାସଗୃହହୀନ। ସେମାନେ ପିଲାମାନଙ୍କୁ ଉଚିତ ଶିକ୍ଷା ଦେଇପାରୁନାହାନ୍ତି। ଲୁହାକାମ କରୁଥିବା ଜନ ସମୁଦାୟ (ଜନଜାତି)ଙ୍କୁ ଅତୀତରେ ଏସ୍‌ଟି ମାନ୍ୟତା ପ୍ରଦାନ କରାଯାଇଥିଲା। ପରେ ସେମାନଙ୍କ ଠାରୁ ଏହି ମାନ୍ୟତା ହଟାଇ ଦିଆଯାଇଥିଲା। ତେଣୁ ସେମାନେ ସରକାରୀ ଅବହେଳା ଓ ପ୍ରଶାସନିକ ଉଦାସିନତାର ଶିକାର ହେଉଥିବାରୁ ତୁରନ୍ତ ଲୁହୁରା, ଲୋହରା, ଲୋହା, କମାର, ବିନ୍ଧାଣି, ବଢେଇ ଆଦି ନାମରେ ପରିଚିତ ଜାତିକୁ ଆଦିବାସୀ ମାନ୍ୟତା ପ୍ରଦାନ, ବାସଗୃହ, ଘରଡିହ, ଚାଷଜମି ଓ କୌଳିକ ବୃତ୍ତିର ଆଧୁନିକୀକରଣ ନିମନ୍ତେ ସରକାରୀ ପ୍ରୋତ୍ସାହନ ଏବଂ ଯୁବପିଢ଼ିଙ୍କୁ ତାଲିମ ପ୍ରଦାନ ପାଇଁ ଦାବି କରାଯାଇଛି।

## 'ଶିକ୍ଷକଙ୍କ ସମସ୍ୟା ବୁଝନ୍ତୁ ସରକାର'

**ବଇଣ୍ଡା,୨।୧୨(ଡି.ଏନ.ଏ.)**




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଆଠମଲ୍ଲିକ ଶାଖା ପକ୍ଷରୁ ଶିକ୍ଷକ ସମସ୍ୟାକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଦିଲୀପ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା ଯୋଗଦେଇ ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ କହିଥିଲେ। ସେ କହିଥିଲେ, ପ୍ରାଥମିକ ଶିକ୍ଷକ ଅଳ୍ପ ଦରମାରେ ପାଠ ପଢାଉଛନ୍ତି। ସରକାର କୌଣସି ସମସ୍ୟା ବୁଝୁ ନ ଥିବା ଯୋଗୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ସମସ୍ତ ଶିକ୍ଷାସହାୟକମାନଙ୍କୁ ପେନ୍‌ସନ୍ ସହ ଗ୍ରେଡ ପେ ଯୋଗାଇ ଦେବାକୁ ଦାବି କରିଥିଲେ। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମୁଖ୍ୟ ଅତିଥି ଚେତାବନୀ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରମୋଦ ନାୟକ, ଖଗେଶ୍ୱର ନାୟକ, ତରୁଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଆଠମଲ୍ଲିକ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଦିଲୀପ ସାହୁ, ସମ୍ପାଦକ ବୀରେନ ସାହୁ, କୋଷାଧ୍ୟକ୍ଷ ଭାବେ ପ୍ରବୀଣ ସାହୁଙ୍କୁ ଚୟନ କରଯାଇଥିଲା। ଶିକ୍ଷକ ସୁଧାଂଶୁ ଭୂଷଣ ନାୟକ, ସୁଦର୍ଶନ ବେହେରା, ସରୋଜ ମିର୍ଦ୍ଧା ପ୍ରମୁଖ ସହଯୋଗ କରିଥିଲେ।

## ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଆଠମଲ୍ଲିକ,୨।୧୨(ଡି.ଏନ.ଏ.)**

ଆଠମଲ୍ଲିକ କ୍ରୀଡ଼ା ସଂଘ ଦ୍ୱାରା ଆୟୋଜିତ ପଞ୍ଚଧାରା ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ନେତାଜୀ କ୍ଲବ ଆଠମଲ୍ଲିକ ଓ ଅଷ୍ଟକୀଳା କ୍ଲବ ପତାକା ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଅଷ୍ଟକୀଳା କ୍ଲବକୁ ୨-୧ ଗୋଲରେ ହରାଇ ନେତାଜୀ କ୍ଲବ ଚାମ୍ପିୟନ ହୋଇଥିଲା। ମୁଖ୍ୟଅତିଥି ଭାବେ ଉପଜିଲାପାଳ ଲଳିତ ମୋହନ ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ସନ୍ତୋଷ କୁମାର ସାହୁ, ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର ଓ ମହେନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଦିଲୀପ କୁମାର ରାଉତ, ଅନୀଲ ସାହୁ, ପୁପୁନ ବେହେରା ଖେଳ ପରିଚାଳନା କରିଥିଲେ। ସଂଘ ସମ୍ପାଦକ ରଞ୍ଜନ କୁମାର ମହାକୁଡ଼ଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

## ଅଜଣା ଫୋନ୍ କଲ୍ ନେଇ ଏତଲା

**ଅନୁଗୋଳ ଅଫିସ, ୨।୧୨**

ଅନୁଗୋଳ ସହର ମିଶ୍ରପଡ଼ା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଅଜଣା ଫୋନ୍ ନମ୍ବରରୁ ଏକ କଲ୍ ଆସିବା ସହ ଇଏମ୍‌ଆଇ ବାବଦ ୫୦ ହଜାର ଟଙ୍କା ଜମା କରିବାକୁ କୁହାଯାଇଛି। ଏପରି କି ହତ୍ୟା ଧମକ ମଧ୍ୟ ଦିଆଯାଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି, ସମ୍ପୃକ୍ତ ବ୍ୟକ୍ତି କୌଣସି ବ୍ୟାଙ୍କ କିମ୍ବା ଋଣ ଲଗାଣକାରୀ ସଂସ୍ଥାରୁ ଋଣ ନେଇନାହାନ୍ତି। କିନ୍ତୁ ଆସିଥିବା ଫୋନ କଲରେ ଅଜଣା ଲୋକ ଜଣକ ୫୦ ହଜାର ଟଙ୍କା ଇଏମ୍‌ଆଇ ଦେବାକୁ ବାଧ୍ୟ କରୁଛନ୍ତି। ତୁରନ୍ତ ଟଙ୍କା ନ ଦେଲେ ଜୀବନରୁ ମାରି ଦେବେ ବୋଲି କହିଛନ୍ତି। ଆସିଥିବା ଫୋନ ନମ୍ବର ମଧ୍ୟପ୍ରଦେଶର ବୋଲି କୁହାଯାଉଥିବା ବେଳେ ଅନୁଗୋଳ ଆଖପାଖ ଅଞ୍ଚଳରୁ କଲ କରାଯାଥିବା ପୋଲିସ ଜାଣିବାକୁ ପାଇଛି। ଏ ନେଇ ଅନୁଗୋଳ ପୋଲିସ ଅଧିକ ଖୋଳତାଡ଼ କରୁଛି।

## ନିଯୁକ୍ତି ଦାବିରେ ଧାରଣା

**ଛେଣ୍ଡିପଦା,୨।୧୨(ସ୍ୱ.ପ୍ର.)**

ନିଯୁକ୍ତି ଦାବିରେ ଛେଣ୍ଡିପଦା ବ୍ଲକ ଟାଙ୍ଗିରୀ ପଞ୍ଚାୟତ ପୁରୁଣାଗଡ ଗ୍ରାମର ରୋହିତ କୁମାର ସାହୁ ଗୁରୁବାର ଆଉଁଲୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଘଟଣାରୁ ପ୍ରକାଶ, ଆଉଁଲୀ ଜଳସେଚନ ବିଭାଗ ଅଧୀନରେ ରୋହିତଙ୍କ ବାପା ମହେଶ୍ୱର ସାହୁ କାର୍ଯ୍ୟରତ ଥିଲେ। ହେଲେ ଚାକିରିକାଳ ପୂରଣର ୧ ବର୍ଷ ପୂର୍ବରୁ ତାଙ୍କୁ ଅବସର ଦିଆଯାଇଥିଲା। ଚାକିରି ଯିବା ଚିନ୍ତାରେ ମହେଶ୍ୱର ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ନ୍ୟାୟ ଦାବିରେ ଦୀର୍ଘଦିନ ଧରି ଅପେକ୍ଷା ପରେ ଶେଷରେ ଗୁରୁବାର ରୋହିତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ, ବାଗଡିଆ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ରୋହିତଙ୍କ ସମସ୍ତ କାଗଜପତ୍ରକୁ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପାଖକୁ ପଠାଇବା ସହ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରୋହିତ ଧାରଣାରୁ ଓହରି ଥିଲେ।




ରୋହିତ ଧାରଣାରେ ବସିଛନ୍ତି।

## ପୋଖରୀ ନିଲାମ ନେଇ ଅସନ୍ତୋଷ

**ଛେଣ୍ଡିପଦା,୨।୧୨(ସ୍ୱ.ପ୍ର.)**

ପୋଖରୀ ନିଲାମକୁ ନେଇ ଛେଣ୍ଡିପଦା ବ୍ଲକ ଶିମିଳିପାଳ ପଞ୍ଚାୟତ ବଣିଆଁନିସାହିର ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମହିଳାମାନେ ଗୁରୁବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଘଟଣାରୁ ଜଣାପଡ଼ିଛି, ବଣିଆଁନିସାହିର ମା' ବୁଢୀ ସ୍ୱୟଂସହାୟକ ଗୋଷ୍ଠୀ ଏବଂ ଅନ୍ୟ ୩ଟି ଗୋଷ୍ଠୀ ମିଶି ସାହି ନିକଟ ଭୁରୁରା ପୋଖରୀକୁ ୩ ବର୍ଷ ପାଇଁ ସରକାରଙ୍କଠାରୁ ନିଲାମ ନେଇଛନ୍ତି। ପୂର୍ବରୁ ଏହି ପୋଖରୀକୁ ଉକ୍ତସାହିର ଜଣେ ବ୍ୟକ୍ତି ନିଲାମ ନେଇଥିଲେ। ଚଳିତ ବର୍ଷ ଫେବୃୟାରୀ ୨୮ରେ ଉକ୍ତ ବ୍ୟକ୍ତିଙ୍କ ନିଲାମ ଅବଧି ସରିଯାଇଥିଲା। ହେଲେ ସମ୍ପୃକ୍ତ ବ୍ୟକ୍ତି ଜଣକ ପୋଖରୀ ହୁଡାରେ ହରଡ ଚାଷ କରିବା ସହିତ ଏକ କୁଡିଆ କରିଥିଲେ। ମହିଳାମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ହରଡ ଚାଷ ବନ୍ଦ କରିବା ଏବଂ କୁଡିଆ ଭାଙ୍ଗି ଉଠାଇ ନେବାକୁ ଅନୁରୋଧ କରିଥିଲେ ମଧ୍ୟ ସୁଫଳ ମିଳୁ ନ ଥିଲା। ଏହାକୁ ନେଇ ଗୋଷ୍ଠୀର ସଭ୍ୟାମାନେ ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ। ୧୦ ଦିନ ଭିତରେ ସମ୍ପୃକ୍ତ ବ୍ୟକ୍ତି ଏହାର ପ୍ରତିକାର କରିବା ପାଇଁ ଚୁକ୍ତି କରିଥିଲେ। ହେଲେ ୮ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କୌଣସି ସମାଧାନ ନ ହେବାରୁ ଗୁରୁବାର ଗୋଷ୍ଠୀର ମହିଳାମାନେ ତହସିଲଦାର, ବିଡିଓ ଏବଂ ଥାନା ଅଧିକାରୀଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଖୁବଶୀଘ୍ର ସମାଧାନ କରା ନ ଗଲେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗୋଷ୍ଠୀର ମହିଳାମାନେ ବସିଛନ୍ତି।

## ଆକାଉଣ୍ଟରୁ ଟଙ୍କା ଗାଏବ

**ଅନୁଗୋଳ ଅଫିସ, ୨।୧୨**

ଅନୁଗୋଳ ବ୍ଲକ ବନ୍ତଳା ଥାନା ପୁରୁଣାଗଡ଼ ମାଟିଆସାହିରେ ରହୁଥିବା ଜଗବନ୍ଧୁ ବେହେରାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ନେଇ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଜଗବନ୍ଧୁ ସେନାରେ କାର୍ଯ୍ୟ କରୁଥିଲେ। ଅବସର ପରେ ତାଙ୍କୁ ମିଳୁଥିବା ପେନ୍‌ସନ୍ ବ୍ୟାଙ୍କ ଆକାଉଣ୍ଟକୁ ଆସୁଛି। ଗତ ୨୮ ତାରିଖରେ ତାଙ୍କ ଆକାଉଣ୍ଟରୁ ଏକକାଳୀନ ୧୦ ହଜାର ଟଙ୍କା ଗାଏବ କରାଯାଇଛି। ବ୍ୟାଙ୍କକୁ ଟଙ୍କା ଉଠାଇବା ପାଇଁ ଆସିବା ପରେ ସେ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। ତେବେ ବ୍ୟାଙ୍କ କର୍ତ୍ତୃପକ୍ଷ ଏ ନେଇ କୌଣସି ତଥ୍ୟ ପ୍ରଦାନ କରି ନ ଥିଲେ। ଥାନାରେ ଅଭିଯୋଗ କଲେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ କହିବା ପରେ ସେ ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି।

